**ସଂକ୍ଷେପରେ**

## ପ୍ରୋଜେକ୍ଟ ଉତ୍ଥାନରେ ୩୦ଙ୍କୁ ନିଯୁକ୍ତି

ରାୟଗଡ଼ା,୨୦।୭(ଭାଗ୍ୟଶ୍ରୀ ମିଶ୍ର)- କଳାହାଣ୍ଡି ଜିଲାର ଲାଞ୍ଜିଗଡ଼ସ୍ଥିତ ବେଦାନ୍ତ ଆଲୁମିନା ପକ୍ଷରୁ ପ୍ରୋଜେକ୍ଟ ଉତ୍ଥାନ ଜରିଆରେ ରାୟଗଡ଼ାର ୩୦ ଜଣଙ୍କୁ ନିଯୁକ୍ତି ମିଳିଛି। ରାୟଗଡ଼ାସ୍ଥିତ ବିଜୁ ପଟ୍ଟନାୟକ ଅଡିଟୋରିୟମରେ ଗୁରୁବାର ଏହି ଉପଲକ୍ଷେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଆଇନମନ୍ତ୍ରୀ ଜଗନ୍ନାଥ ସାରକା ଓ ଉଚ୍ଚ ଶିକ୍ଷାମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ନୂତନ ଭାବେ ନିଯୁକ୍ତି ପାଇଥିବା ୩୦ ଯୁବତୀଯୁବକଙ୍କୁ ନିଯୁକ୍ତିପତ୍ର ପ୍ରଦାନ ସହ ସମ୍ବର୍ଦ୍ଧିତ କରିଛନ୍ତି। ଓଡ଼ିଶାରେ ମେକ୍ ଇନ୍ ଇଣ୍ଡିଆ ଶିଳ୍ପ ବିପ୍ଳବ ଯୋଗୁ ରାଜ୍ୟରେ ବେକାରି ଦୂର ହୋଇପାରିବ। ଯୋଗ୍ୟତା ଥିବା ପ୍ରାର୍ଥୀଙ୍କୁ ଉତ୍ସାହିତ କରିବାକୁ ଯାଇ ଜୀବନରେ କଠିନ ପରିଶ୍ରମ ନିହାତି ଜରୁରୀ ବୋଲି ବେଦାନ୍ତ ଡେପୁଟି ସିଇଓ ଜି.ଜି. ପାଲ କହିଛନ୍ତି। ପ୍ରକାଶ ଯେ, ଉତ୍ଥାନ ରାୟଗଡ଼ା ଜିଲାରୁ ୩୦ ଏବଂ କଳାହାଣ୍ଡି ଜିଲାରୁ ୪୧ଜଣ ନିଯୁକ୍ତି ପାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ଏସ୍‌ଟି ଏସ୍‌ସି ଏବଂ ଓବିସି ଉପଦେଷ୍ଟା ପୃଥ୍ୱୀରାଜ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାୟଗଡ଼ା ବିଧାୟକ ମୁଦୁଲି, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା ଉପସ୍ଥିତ ଥିଲେ।

## ଯୋଗଦେଲେ ନୂତନ ପିଇଓ ପଞ୍ଚାୟତସ୍ତରୀୟ ବୈଠକ



ଚନ୍ଦ୍ରପୁର,୨୦।୭ (ବିଜୟ ପ୍ରସାଦ ଉଲ୍ଲାକା)- ରାୟଗଡା ଜିଲା ଚନ୍ଦ୍ରପୁର ବ୍ଲକର ଟୁରିଗୁଡା ପଞ୍ଚାୟତ କାର୍ଯ୍ୟାଳୟରେ ନୂତନ ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ଭାବେ ରାଜେନ୍ଦ୍ର କୁମାର ପାଲ ବୁଧବାର କାର୍ଯ୍ୟରେ ଯୋଗଦାନ କରିଛନ୍ତି। ଏଥିସହ ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ଚଳିତ ମାସର ମାସିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଶିକ୍ଷା, ସ୍ୱାସ୍ଥ୍ୟ, ପାନୀୟ ଜଳ, ରାସ୍ତାକାମ ସହ ବିଭିନ୍ନ ଉନ୍ନୟନମୂଳକ କାମ ସମ୍ପର୍କରେ ଆଲୋଚନା କରାଯାଇଥିଲା। ବୈଠକରେ ସରପଞ୍ଚ ସୁନୀତା ମୁଣ୍ଡିକା, ସମିତି ସଭ୍ୟ ମନୋଜ ପ୍ରସ୍କା, ନୂତନ ପିଇଓ ରାଜେନ୍ଦ୍ର ପାଲଙ୍କ ସମେତ ସମସ୍ତ ୱାର୍ଡର ସଭ୍ୟା ସଭ୍ୟ ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ଉକ୍ତ ପଞ୍ଚାୟତରେ କାର୍ଯ୍ୟରତ ଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ରାଧାମୋହନ ଗୌଡ଼ଙ୍କ ସ୍ୱାସ୍ଥ୍ୟ ଖରାପ ଥିବା ଯୋଗୁ ସେ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ତେବେ ସେ ଜୁଲାଇ ୩୧ରେ ଚାକିରିରୁ ଅବସର ନେବେ ବୋଲି ସୂଚନା ମିଳିଛି।

# ରାଜନୀତି ମଇଦାନରେ ପୂର୍ବତନ ଏମ୍‌ପି ଝିନ୍ନ, କୌଶଲ୍ୟା

ରାୟଗଡ଼ା,୨୦।୭(ଆଶିଷ ରଞ୍ଜନ ପଣ୍ଡା)



ବୈଠକରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ , ଜଗନ୍ନାଥ ସାରକା, ଏନ୍.ଭାସ୍କର ରାଓ, ପୂର୍ବତନ ଏମ୍‌ପି ଝିନ୍ନ ହିକ୍କାଙ୍କ ସହ ଅନ୍ୟମାନେ।

ଆଗକୁ ୨୦୨୪ ସାଧାରଣ ନିର୍ବାଚନ। ନିର୍ବାଚନ ସମୟ ପାଖେଇ ଆସୁଥିବାରୁ ରାୟଗଡ଼ା ଜିଲାରେ ରାଜନୀତି ମାହୋଲ ସରଗରମ ହେବାରେ ଲାଗିଛି। ରାଜନୀତି ମଇଦାନକୁ ଓହ୍ଲାଇଛନ୍ତି ବିଜେଡିର ହେଭିୱେଟ୍ ନେତା ଓ ନେତ୍ରୀ । ଗୁରୁବାର ସର୍କିଟ ହାଉସ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଦଳୀୟ ବୈଠକରେ ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ଉପସ୍ଥିତିରେ ପୂର୍ବତନ ଏମ୍‌ପି ଝିନ୍ନ ହିକକା ଓ ୨୦୧୯ ନିର୍ବାଚନରେ କୋରାପୁଟ ସାଂସଦୀୟ କ୍ଷେତ୍ରରେ ଏମ୍‌ପି ପ୍ରାର୍ଥିନୀ ହୋଇଥିବା କୌଶଲ୍ୟା ହିକ୍କାଙ୍କୁ ଦେଖିବାକୁ ମିଳିଥିଲା । ଏହି ଦମ୍ପତିଙ୍କୁ ନେଇ ବିଜେଡି କୋରାପୁଟ ଓ ରାୟଗଡ଼ା ଜିଲାରେ ନିଜର ରଣନୀତି ପ୍ରସ୍ତୁତ କରୁଥିବା ଆଲୋଚନା ହେଉଛି। ଝିନ୍ନ କୋରାପୁଟ ଜିଲା ବିଜେଡି ସଭାପତି ହେବା ପରେ କୋରାପୁଟ ସାଂସଦୀୟ କ୍ଷେତ୍ରରେ ଦଳର କର୍ମୀମାନେ ବେଶ୍ ଉତ୍ସାହିତ ହୋଇପଡ଼ିଥିବା ଦେଖିବାକୁ ମିଳିଛି । କୋରାପୁଟ ଲୋକ ସଭା ଆସନରେ ବିଜେଡି ପୁଣି ମହିଳା କାର୍ଡ ଖେଳିବ ଏବଂ ବିଜୟ ଲାଭ କରିବ ବୋଲି ଦଳର କର୍ମୀ ମହଲରେ ଚର୍ଚ୍ଚା ଚାଲିଛି । ଏପରିକି ଆଗାମୀ ନିର୍ବାଚନରେ ମହିଳା ପ୍ରାର୍ଥୀ ଭାବେ କୌଶଲ୍ୟା ପୁଣି ଥରେ କୋରାପୁଟ ଏମ୍‌ପି ପ୍ରାର୍ଥିନୀ ହେବା ନେଇ ଦଳରେ ଚର୍ଚ୍ଚା ହେଉଥିବା ଜଣାପଡ଼ିଛି। ଆଗାମୀ ନିର୍ବାଚନରେ କୋରାପୁଟ ଲୋକ ସଭା ଆସନ ପୁନଶ୍ଚ ଦଖଲ ପାଇଁ ବିଜେଡି ଶୀର୍ଷ ନେତୃତ୍ୱ ହିକ୍କା ଦମ୍ପତିଙ୍କୁ ମଇଦାନରେ ଓହ୍ଲାଇଥିବା ଆଭାସ ମିଳିଛି । ହିକ୍କା ପରିବାର ବର୍ତ୍ତମାନ ରାୟଗଡ଼ା ଜିଲାର ସମସ୍ତ ନିର୍ବାଚନ ମଣ୍ଡଳୀ ଗସ୍ତ କରିବେ ବୋଲି ଜଣାପଡ଼ିଛି । ହେଲେ ହିକ୍କା ପରିବାରକୁ ମଇଦାନରେ ଦେଖି କେତେଜଣଙ୍କୁ ଆଘାତ ଲାଗିଥିବା ଭଳି ଜଣାପଡୁଛି ।

ବୈଠକରେ ମନ୍ତ୍ରୀ ଜଗନ୍ନାଥ ସାରକା, ନବ ନିଯୁକ୍ତ ରାଜ୍ୟ ଉପସଭାପତି ତଥା ପୂର୍ବତନ ଏମ୍‌ପି ଏନ୍.ଭାସ୍କର ରାଓ, ରାଜ୍ୟ ସମ୍ପାଦକ ଜଗଦୀଶ ପାତ୍ର, ସହ ପର୍ଯ୍ୟବେକ୍ଷକ ରଞ୍ଜିତ ରାୟ, ଜିଲା ସଭାପତି ସୁଧୀର ଦାସ, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି ଏବଂ ଦଳର ସମସ୍ତ ନେତା ଉପସ୍ଥିତ ଥିଲେ। 'ମୋ ଓଡ଼ିଶା ନବୀନ ଓଡ଼ିଶା' କାର୍ଯ୍ୟକ୍ରମ ସଫଳ କରିବାକୁ ଜିଲା ପର୍ଯ୍ୟବେକ୍ଷକ ଅତନୁ ବୈଠକରେ ବିଶେଷ ଗୁରୁତ୍ୱାରୋପ କରିବା ସହ ରାଜ୍ୟ ସରକାରଙ୍କ ସମସ୍ତ ଯୋଜନାକୁ ଘରେ ଘରେ ପହଞ୍ଚାଇବାକୁ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଦଳର ସମସ୍ତ ନେତା ଓ କର୍ମୀ ଏକଜୁଟ ହୋଇ କାମ କରିବାକୁ ଜିଲା ପର୍ଯ୍ୟବେକ୍ଷକ ଅତନୁ ଓ ଉପସଭାପତି ଏନ୍.ଭାସ୍କର ରାଓ ପରାମର୍ଶ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ପୂର୍ବତନ ଜିଲା ପରିଷଦ ଅଧ୍ୟକ୍ଷ ଗଙ୍ଗାଧର ପୁଆଲା, ପୌରାଧ୍ୟକ୍ଷ ପି. ମହେଶ ପଟ୍ଟନାୟକ, ବିଜୁ ମହିଳା ଜନତା ଦଳ ରାଜ୍ୟ ଉପସଭାନେତ୍ରୀ ସୁଜାତା ପାଳ, କାର୍ଯ୍ୟକାରୀ ସଭାନେତ୍ରୀ ଶ୍ରମିତା ପାଢ଼ୀ, ବରିଷ୍ଠ ନେତ୍ରୀ ଭି. ଗୌରୀ ଜୟନ୍ତୀ, ବରିଷ୍ଠ ନେତା ଅମିୟ ସ୍ୱାଇଁ, ଚନ୍ଦ୍ରକାନ୍ତ ସାମଲ, ବିନାୟକ କର, କାଉନସିଲର ବି. ଜଗନମୋହନ,

**କୋରାପୁଟ ଲୋକ ସଭା ଆସନରୁ ପ୍ରାର୍ଥିନୀ ହୋଇପାରନ୍ତି କୌଶଲ୍ୟା**

ସନ୍ତୋଷ ଦଳାଇ, ଏମ୍. ଶ୍ରୀନିବାସ, ଗୋପୀନାଥ ଗୌଡ, ପି. ରୋଜା, ପାଲକୋଣ୍ଡା ମମିତା, ରାୟଗଡା ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକା, କାଶୀପୁର ବ୍ଲକ ଅଧ୍ୟକ୍ଷ କଣ୍ଠ ମାଝି, ବିଜୁ ଯୁବ ଜନତା ଦଳ ରାଜ୍ୟ ସାଧାରଣ ସମ୍ପାଦକ ଅବିନାଶ ବିଷୋୟୀ, ନଗର ସଭାପତି ଶ୍ରୀକାନ୍ତ ଚୌଧୁରୀ, ବିଜୁ ଛାତ୍ର ଜନତା ଦଳ ନଗର ସଭାପତି ପ୍ରବୀଣ କୁମାର, ଯୁବନେତା ବାଦଲ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ। ତେବେ କୋରାପୁଟ ଲୋକ ସଭା ଆସନରୁ କିଏ ପ୍ରାର୍ଥୀ ହେବେ ସେ ନେଇ ଜିଲା ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ଅତନୁଙ୍କୁ ପଚାରିବାରୁ ଦଳ ସଭାପତି ଯାହା ନିର୍ଦ୍ଦେଶ ଦେବେ ସେହି ଆଧାରରେ କାର୍ଯ୍ୟ ହେବ ଏବଂ ବର୍ତ୍ତମାନ ଦଳକୁ ତୃଣମୂଳ ସ୍ତରରୁ ସୁଦୃଢ଼ ପାଇଁ କର୍ମୀ ଚଳଚଞ୍ଚଳ ହୋଇଥିବା ପ୍ରକାଶ କରିଛନ୍ତି ।

## ମାଲକାନଗିରିରେ ବ୍ୟାପୁଛି ଆଖିଧରା

ମାଲକାନଗିରି, ୨୦।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ କିଛିଦିନ ଧରି ଆଖିଧରା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଦୈନିକ ୨୦୦ରୁ ଅଧିକ ରୋଗୀ ଡାକ୍ତରଖାନାକୁ ଆସୁଛନ୍ତି। ସେଥିରୁ ଅଧିକାଂଶ ଆଖିଧରା ରୋଗୀ। ଏହା ଭୂତାଣୁ ଜନିତ ରୋଗ ହୋଇଥିବାରୁ ଏହା ଦ୍ରୁତ ଗତିରେ ବ୍ୟାପୁଛି। ଏହି ରୋଗୀମାନଙ୍କ ମଧ୍ୟରେ ଅଧିକାଂଶ ବିଦ୍ୟାଳୟର ଛାତ୍ରୀଛାତ୍ର ଅଛନ୍ତି । ତେବେ ଏତେ ସଂଖ୍ୟକ ରୋଗୀ ଆସୁଥିବାରୁ ସେମାନଙ୍କ ତଥ୍ୟ ରେକର୍ଡ କରିବାରେ ଅସୁବିଧା ହେଉଛି। ଅନ୍ୟପକ୍ଷେ ଏଠାରେ ଜଣେ ଚକ୍ଷୁ ଡାକ୍ତର ଥିବାରୁ ଏତେ ସଂଖ୍ୟକ ରୋଗୀଙ୍କୁ ଚିକିତ୍ସା କରିବା ପାଇଁ ସମ୍ଭବ ହୋଇ ପାରୁନାହିଁ। ଆଖିଧରା ଔଷଧ ଡାକ୍ତରଖାନାରେ ମହଜୁଦ ରଖିବାକୁ ଦାବି ହୋଇଛି। ଖୁବ୍ ଶୀଘ୍ର ଔଷଧ ପହଞ୍ଚିଯିବ ବୋଲି ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ କହିଛନ୍ତି। ଏହି ରୋଗ ପରିବାରର ଜଣଙ୍କୁ ହେଲେ ଅନ୍ୟମାନଙ୍କୁ ସଂକ୍ରମିତ ହୋଇଥାଏ । ବିଶେଷ କରି ଛାତ୍ରୀଛାତ୍ର ଏଥିରେ ସର୍ବାଧିକ ସଂକ୍ରମିତ ହୋଇଥାନ୍ତି। ମୁଖ୍ୟ ଚିକିତ୍ସାଳୟ ସୂତ୍ରରୁ ଜଣାପଡିଛି, ଚକ୍ଷୁ ଚିକିତ୍ସା ବିଭାଗରେ ଗତ ମେ ମାସରେ ମୋଟ ୯୦୬ ଜଣ ଚିକିତ୍ସିତ ହୋଇଥିଲେ।

# ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ମନ୍ତ୍ରୀ

ରାୟଗଡ଼ା,୨୦।୭(ଭାଗ୍ୟଶ୍ରୀ ମିଶ୍ର)

**ପ୍ରଶାସନିକ ଅଧିକାରୀ, ଜନ ପ୍ରତିନିଧିଙ୍କ ମଧ୍ୟରେ ସମନ୍ୱୟ ରହିଲେ ଯୋଜନାର ସଫଳ ରୂପାୟନ ହେବ : ଆଇନମନ୍ତ୍ରୀ**

ରାୟଗଡ଼ା ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା କରାଯାଇଥିବା ନୂତନ ଯୋଜନାଗୁଡ଼ିକର ସମୀକ୍ଷା କରିଛନ୍ତି ୨ ମନ୍ତ୍ରୀ । ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ,ପଛୁଆବର୍ଗ ଓ ସଂଖ୍ୟାଲଘୁ କଲ୍ୟାଣ ତଥା ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଗୁରୁବାର ରାୟଗଡ଼ା ଓ ଗୁଣପୁରଠାରେ ସମୀକ୍ଷା ବୈଠକରେ ଯୋଗଦେଇ ବିଭିନ୍ନ ଉନ୍ନୟନ କାର୍ଯ୍ୟ ବିଷୟରେ ଆଲୋଚନା କରିଛନ୍ତି ।

ରାୟଗଡ଼ାର ସର୍କିଟ ହାଉସ୍‌ଠାରେ ଆୟୋଜିତ ବୈଠକରେ ମନ୍ତ୍ରୀ ଅତନୁ ସବ୍ୟସାଚୀ ଏବଂ ସାରକା ଯୋଗଦେଇ ଆମ ଓଡ଼ିଶା ଯୋଜନାରେ ପ୍ରତି ପଞ୍ଚାୟତସ୍ତରରେ ସରକାରଙ୍କ ତରଫରୁ ମିଳିବାକୁ ଥିବା ୫୦ଲକ୍ଷ ଟଙ୍କା ଅନୁଦାନକୁ ଠିକ୍ ଭାବେ କିଭଳି ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ବିନିଯୋଗ କରାଯାଇପାରିବ ସେ ନେଇ ପରାମର୍ଶ ଦେଇଥିଲେ। ପ୍ରଶାସନିକ ଅଧିକାରୀ ଏବଂ ଜନ ପ୍ରତିନିଧିମାନଙ୍କ ମଧ୍ୟରେ ସମନ୍ୱୟ ରକ୍ଷାକରି କାର୍ଯ୍ୟ କରିବାକୁ ସେମାନେ ପରାମର୍ଶ ଦେଇଥିଲେ। ଏଥିସହ ଅନ୍ୟାନ୍ୟ ଯୋଜନାର ସଫଳ ରୂପାୟନ ଉପରେ ଆଲୋଚନା କରିଥିଲେ। ବିଶେଷକରି ଜଗନ୍ନାଥ ସଂସ୍କୃତିର ସୁରକ୍ଷା ଦିଗରେ ଭାଗବତ ଟୁଙ୍ଗି ତଥା ଗୋଷ୍ଠୀ କେନ୍ଦ୍ର ଭଳି ନିର୍ମାଣ ପାଇଁ ୧୦ଲକ୍ଷ ଟଙ୍କା ବିନିଯୋଗ କରାଯିବାକୁ ଥିବାବେଳେ ବଳକା ୪୦ଲକ୍ଷ ଟଙ୍କା ଗ୍ରାମପଞ୍ଚାୟତର ଅନ୍ୟାନ୍ୟ ଉନ୍ନୟନମୂଳକ କାର୍ଯ୍ୟକ୍ରମ ବାବଦକୁ ଖର୍ଚ୍ଚ କରାଯିବ ବୋଲି ବୈଠକରେ ଆଲୋଚନା ହୋଇଥିଲା। ଏଥିସହ ମୋ ଘର ଯୋଜନାରେ ଯେପରି ଅଧିକରୁ ଅଧିକ ହିତାଧିକାରୀ ବ୍ୟାଙ୍କ ଋଣ ପାଇ ଠିକ୍ ଭାବେ ବିନିଯୋଗ କରିପାରିବେ ସେ ନେଇ ଆଲୋଚନା ହୋଇଛି। ବାସହୀନ ପରିବାରକୁ ଯଥାଶୀଘ୍ର ଘରଡିହ ପଟ୍ଟା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ବିଜୁ ପକ୍କାଘର ଭଳି ଆବାସ ଓ ଅନ୍ୟାନ୍ୟ ଗୃହ ନିର୍ମାଣ ଯୋଜନାରେ ହିତାଧିକାରୀମାନଙ୍କୁ ସାମିଲ କରିବାକୁ କୁହାଯାଇଛି । ଅନେକ ସମୟରେ ବାଲି ଚଢ଼ା ଦରରେ ମିଳୁଥିବା ଅଭିଯୋଗ ହେଉଛି। ତେଣୁ ଗୃହ ନିର୍ମାଣ କାର୍ଯ୍ୟରେ ବ୍ୟବହୃତ ବାଲି ଦରରେ ନିୟନ୍ତ୍ରଣ ରଖିବାକୁ ତହସିଲଦାରମାନଙ୍କୁ କୁହାଯାଇଛି। ବୈଠକରେ ରାଜ୍ୟ ବିଜେଡି ଉପସଭାପତି ଏନ୍. ଭାସ୍କର ରାଓ, ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଉପଦେଷ୍ଟା ସୁଧୀର କୁମାର ଦାସ, ଜିଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷା ଅନସୂୟା ମାଝି, ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ଜାତି ଓ ଜନଜାତି ଉନ୍ନୟନ, ପଛୁଆ ବର୍ଗ କଲ୍ୟାଣ ବିଭାଗ ଉପଦେଷ୍ଟା ପୃଥ୍ୱୀରାଜ ସାହୁ, ଅତିରିକ୍ତ ଜିଲାପାଳ ଧର୍ମାନନ୍ଦ ବେହେରା, ରାୟଗଡା ବିଡିଓ ଲକ୍ଷ୍ମୀକାନ୍ତ ସାବତ, ପୂର୍ବତନ କୋରାପୁଟ ଜିଲା ବିଜେଡି ସଭାପତି ଝିନ୍ନ ହିକକା, କାଶୀପୁର ବିଡିଓ ମନୀଷା ଦାସଙ୍କ ସମେତ ରାୟଗଡା ବ୍ଲକ ଅଧ୍ୟକ୍ଷା ଟୁନି ହୁଇକା, ଉପାଧ୍ୟକ୍ଷ ହରପ୍ରସାଦ ହେପୃକାଙ୍କ ସମେତ ରାୟଗଡା ଓ କାଶୀପୁର ବ୍ଲକର ଜନ ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ପଦ୍ମପୁରରେ ଏନ୍. ଭାସ୍କର ରାଓଙ୍କୁ ସମ୍ବର୍ଦ୍ଧନା



ପଦ୍ମପୁର, ୨୦।୭ (ପ୍ରଶାନ୍ତ କର)

ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍ .ଭାସ୍କର ରାଓଙ୍କୁ ବିଜୁ ଜନତା ଦଳର ଉପସଭାପତି ପଦବୀରେ ମନୋନୀତ କରାଯିବା ପରେ ବିଜେଡି ନେତୃବୃନ୍ଦ ଓ ସମର୍ଥକ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ଭାସ୍କରରାଓ ବୁଧବାର ଭୁବନେଶରରୁ ରାୟଗଡ଼ା ଫେରିବା ବେଳେ ପଦ୍ମପୁର ବ୍ଲକ ମୁଟିକିପଦର ଛକ ନିକଟରେ ବିଜେଡି ସମର୍ଥକ, କର୍ମୀ ଓ ନେତାମାନେ ତାଙ୍କୁ ଫୁଲତୋଡା ଦେଇ ଭବ୍ୟ ସମ୍ବର୍ଦ୍ଧନା ଜଣାଇଥିଲେ। ଏହି ସମୟରେ ବିଜେଡିର ପୁରୁଣା ଓ ନୂଆ ନେତୃବୃନ୍ଦଙ୍କ ଏକାଠି ହେବା ବିଜେଡିକୁ ସୁଦୃଢ କରିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏହି ସମୟରେ ଗୁଣପୁର ପୌରା ଉପାଧ୍ୟକ୍ଷ ସାନ ଗୌଡ, ପଦ୍ମପୁରର ଯୁବ ନେତା ଗୋଦାବରୀ ରାଉତ, ଗୁଡ଼ାରିର କତାପଲି ରାମକିଷ୍ଟା, ପଦ୍ମପୁରର ପୂର୍ବତନ ବ୍ଲକ ଅଧ୍ୟକ୍ଷ କୈଳାସ କ୍ରାସ୍କାଙ୍କ ଭଳି ବହୁ ପୁରୁଣା ନେତାଙ୍କୁ ଦେଖିବାକୁ ମିଳିଥିଲା। ଏହା ବିଜେଡି ପାଇଁ ଶୁଭଙ୍କର ହେବ ବୋଲି ସାଧାରଣରେ ଆଲୋଚନା ହେଉଛି। ଏହି ସମୟରେ ଗୁଣପୁର ବ୍ଲକ ଉପାଧ୍ୟକ୍ଷ ସୁଦର୍ଶନ ଶବର, କୈଳାସ ଷଡ଼ଙ୍ଗୀ, ରାଜେନ୍ଦ୍ର ସାହୁକାର, ପଦ୍ମପୁରର ଦେବେନ୍ଦ୍ର ପାଢ଼ୀ, ରାମାନନ୍ଦ ସାହୁ, ଗୁଲୁଲୁ ପାଣିଗ୍ରାହୀ, ପ୍ରଳୟ ବେହେରା, ଟୁକୁନା ପଣ୍ଡା, ବାଲାଜୀ ପାଢ଼ୀଙ୍କ ସହ ବହୁ ସମର୍ଥକ ଓ କର୍ମୀ ଉପସ୍ଥିତ ଥିଲେ।

## ଭାସ୍କରଙ୍କୁ ଗୁରୁଦାୟିତ୍ୱ, ଫେରିପାରନ୍ତି ଅସନ୍ତୁଷ୍ଟ

ଗୁଣପୁର,୨୦।୭(ପ୍ରଦୀପ କୁମାର ପାଢ଼ୀ)

**ଉତ୍ସାହିତ ସମର୍ଥକ, ବିରୋଧୀ ଶିବିରରେ ଭାଳେଣି**

ପୂର୍ବତନ ରାଜ୍ୟ ସଭା ସଦସ୍ୟ ଏନ୍.ଭାସ୍କର ରାଓ ବିଜେଡି ରାଜ୍ୟ ଉପସଭାପତି ହେବା ପରେ ବୁଧବାର ପଦ୍ମପୁର ସହ ରାୟଗଡ଼ା ଜିଲାର ବିଭିନ୍ନ ସ୍ଥାନରେ ତାଙ୍କ ଶୁଭେଚ୍ଛୁ, ନେତା ଓ କର୍ମୀଙ୍କ ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଭାସ୍କର ରାଜ୍ୟ ଉପସଭାପତି ହେବା ପରେ ଦଳରେ ଅଣଦେଖା ଏବଂ ଦଳ ବିରୋଧୀ କାର୍ଯ୍ୟ ପାଇଁ ନିଲମ୍ବିତ ହୋଇଥିବା କେତେକ ନେତା ଏବେ ବେଶ୍ ଉତ୍ସାହିତ ହୋଇଛନ୍ତି। ବହିଷ୍କୃତ ହୋଇଥିବା ନେତାମାନେ ପୁଣି ଥରେ ଦଳକୁ ଫେରିବେ କି ବୋଲି ରାଜନୈତିକ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଅପରପକ୍ଷେ ଅସନ୍ତୁଷ୍ଟମାନେ ଦଳକୁ ଫେରିବା କଥା ଚିନ୍ତାକରି ବିରୋଧୀ ଶିବିରରେ ଭାଳେଣି ପଡ଼ିଗଲାଣି।

ଗତ ସାଧାରଣ ନିର୍ବାଚନ ପୂର୍ବରୁ ଦଳ ବିରୋଧୀ କାର୍ଯ୍ୟ ପାଇଁ ଗୁଣପୁର ପୌର ପରିଷଦ ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼ ଦଳରୁ ବିଦା ହୋଇଥିଲେ। ସେହିପରି ପଦ୍ମପୁରର ଗୋଦାବରୀ ରାଉତ ଜିଲା ସଭାପତିଙ୍କ କାର୍ଯ୍ୟରେ ଅସନ୍ତୋଷ ପ୍ରକାଶ କରି ଦଳ ଛାଡ଼ିଥିବା କୁହାଯାଉଥିଲା। ଗୁଡାରିର କେ.ରାମକ୍ରିଷ୍ଣା ପୁଣି ଥରେ ଦଳକୁ ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ସେ କୋଣଠେସା ହୋଇ ରହିଛନ୍ତି। ତେବେ ଏମାନେ ସମସ୍ତେ ଭାସ୍କରଙ୍କ ସମର୍ଥକ ବୋଲି କୁହାଯାଏ। ଭାସ୍କରଙ୍କୁ ନୂତନ ଦାୟିତ୍ୱ ମିଳବା ପରେ ଅସନ୍ତୁଷ୍ଟମାନେ ଏବେ ଖୁବ୍ ଉତ୍ସାହିତ ଅଛନ୍ତି। ଭାସ୍କରଙ୍କୁ ନୂତନ ଦାୟିତ୍ୱ ମିଳିବା ପରେ ଦଳରେ ପୂର୍ବଭଳି ସ୍ଥିତି ଫେରିବ କିମ୍ବା ଭାସ୍କର ଏବଂ ସୁଧୀରଙ୍କ ସମର୍ଥକମାନେ ପୁଣି ଦଳ ପାଇଁ ଏକାଠି ହୋଇ କାମ କରିବେ ନା ନିଜ ନିଜସ୍ତରରେ କାର୍ଯ୍ୟ କରି ଦଳ ପାଇଁ ବିପର୍ଯ୍ୟୟର କାରଣ ହେବେ ଏପରି ନାନା ବିଷୟ ବର୍ତ୍ତମାନ ରାଜନୈତିକ ମହଲରେ ଚର୍ଚ୍ଚାର ପ୍ରସଙ୍ଗ ହୋଇଛି।

ସୂଚନାଯୋଗ୍ୟ, ଗତ କିଛି ବର୍ଷ ହେବ ଭାସ୍କର ଜିଲାରେ ଅଣଦେଖା ହୋଇ ରହିଥିଲେ। ଜିଲା ସଭାପତି ସୁଧୀର ଏବଂ ଭାସ୍କରଙ୍କ ମଧ୍ୟରେ ମନାନ୍ତର ହୋଇଥିବା ଚର୍ଚ୍ଚା ହେଉଥିଲା; ଯାହାକି ନେତା ଓ କର୍ମୀଙ୍କ ପାଇଁ ଚିନ୍ତାର କାରଣ ହୋଇଥିଲା। ସାଧାରଣ ନିର୍ବାଚନ ପାଖେଇ ଆସୁଥିବାରୁ ଏହା ପୂର୍ବରୁ ଦଳରେ ଆରମ୍ଭ ହୋଇଥିଲା ମାନସମନ୍ଥନ। ରାୟଗଡ଼ା ଜିଲାର ସମସ୍ତ ହେଭିୱେଟ୍ ନେତାଙ୍କୁ ବସାଇ ମନାନ୍ତର, ମତାନ୍ତର ଭୁଲି କାର୍ଯ୍ୟ କରିବା ପାଇଁ ଜିଲା ଦାୟିତ୍ୱରେ ଥିବା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ଏବଂ ରାଜ୍ୟ ସଂଗଠନ ସମ୍ପାଦକ ରବି ଦାସ ପରାମର୍ଶ ଦେଇଥିବା କୁହାଯାଉଛି।

# ଗୁଣପୁର-ବିଶାଖାପାଟଣା ଏକ୍ସପ୍ରେସ୍‌ରେ ଲାଗିବ ସ୍ଲିପର, ଏସି

ଗୁଣପୁର,୨୦।୭(ପ୍ରଦୀପ କୁମାର ପାଢ଼ୀ)

ଆସନ୍ତା ୨୪ ତାରିଖରୁ ଗୁଣପୁର-ବିଶାଖାପାଟଣା ଏକ୍ସପ୍ରେସ ଟ୍ରେନରେ ପରୀକ୍ଷାମୂଳକ ଭାବେ ଗୋଟିଏ ଲେଖାଏ ସ୍ଲିପର ଏବଂ ଏସି କୋଚ ଲାଗିବ । ଆସନ୍ତା ଅଗଷ୍ଟ ୩୧ ତାରିଖ ପର୍ଯ୍ୟନ୍ତ ପରୀକ୍ଷାମୂଳକ ଭାବେ ଏହି ଟ୍ରେନରେ ସ୍ଲିପର ଏବଂ ଏସି କୋଚ ଲାଗିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ଗୁରୁବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଯାହାକୁ ନେଇ ଗୁଣପୁର ସହ ଗଜପତି ଜିଲାବାସୀଙ୍କ ମଧ୍ୟରେ ଖୁସିର ଲହରି ଖେଳି ଯାଇଛି ।

ସୂଚନାଯୋଗ୍ୟ, ଏହି ଟ୍ରେନରେ ଅଧିକାଂଶ ସମୟରେ ରୋଗୀ, ଛାତ୍ରୀଛାତ୍ର ଏବଂ ଭିଆଇପି ଯାତ୍ରୀମାନେ ଯାତାୟାତ କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ସ୍ଲିପର ଏବଂ ଏସି କୋଚ ଲଗାଯିବାକୁ ଆନ୍ଧ୍ର ଓଡିଶା ରେଳ ବ୍ୟବହାରିକ ସଂଘର ଆବାହକ ଡ.ସତ୍ୟ ପ୍ରକାଶ ପଣ୍ଡାଙ୍କ ସମେତ ନବ ନିର୍ମାଣ ସମିତିର ଅକ୍ଷୟ ଦାସ ଏବଂ ଗଜପତି ଜିଲାର ବିଭିନ୍ନ ସଂଗଠନ ପକ୍ଷରୁ ବିଭିନ୍ନ ସମୟରେ ଦାବି ହୋଇଆସୁଥିଲା। ଗତ ମଙ୍ଗଳବାର ବିଶାଖାପଟଣା ଡିଭିଜନର ଡିଆରଏମ୍ ଅନୁପ କୁମାର ଶତପଥୀ ଗୁଣପୁର ଷ୍ଟେଶନ ପରିଦର୍ଶନ କରିବା ସମୟରେ ବିଶାଖାପାଟଣା ଗୁଣପୁର ଏକ୍ସପ୍ରେସ ଟ୍ରେନରେ ଏସି ଏବଂ ସ୍ଲିପର କୋଚ ଲାଗିବା ନେଇ ବ୍ୟବସ୍ଥା ହୋଇଥିବା କହିଥିଲେ। ଏହାର ଦୁଇ ଦିନ ପରେ ଗୁରୁବାର ଏହି ବିଜ୍ଞପ୍ତି ପ୍ରକାଶ ପାଇଥିଲା। ଏଥିପାଇଁ ରେଳ ବିଭାଗକୁ ବିଭିନ୍ନ ସଂଗଠନ ପକ୍ଷରୁ କୃତଜ୍ଞତା ପ୍ରଦାନ କରାଯାଇଛି।

## ଫେଲ୍ ମାରିଲା ମାଓବାଦୀଙ୍କ ଯୋଜନା

ମାଲକାନଗିରି,୨୦।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ ଏକ ଆଇଇଡି ବିସ୍ଫୋରଣ ହୋଇଛି। ତେବେ ବର୍ଷାରେ ଏହି ବିସ୍ଫୋରଣ ହୋଇଥିବାରୁ କାହାର କିଛି କ୍ଷତି ହୋଇନାହିଁ। ଫଳରେ ମାଓବାଦୀଙ୍କ ଯୋଜନା ଫେଲ ମାରିଛି। ଏହି ବିସ୍ଫୋରଣ ଯୋଗୁ ରାସ୍ତାରେ ୧୦ ଫୁଟର ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଲଗାଣ ବର୍ଷା ଯୋଗୁ ଲାଲ ବାହିନୀଙ୍କ ଯୋଜନା ଭଣ୍ଡୁର ହୋଇଛି। ବିଜାପୁରର ସୋମନପଲ୍ଲୀ ରାସ୍ତାରେ ଘଟିଛି ଏହି ବିସ୍ଫୋରଣ। ବହୁଦିନ ପୂର୍ବରୁ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ କରି ରାସ୍ତା ତଳେ ଏକ ବଡ ଆଇଇଡି ଲଗାଇଥିଲେ।

# ଚାରାରୋପଣ କାର୍ଯ୍ୟକ୍ରମ

ମୁନିଗୁଡ଼ା,୨୦।୭(ରାଧେଶ୍ୟାମ ଅଗ୍ରୱାଲ)

ମୁନିଗୁଡ଼ାସ୍ଥିତ ବନ ଉନ୍ନୟନ ନିଗମ ତରଫରୁ ଗୁରୁବାର ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବନ ଉନ୍ନୟନ ନିଗମର ପ୍ରବନ୍ଧକ ନଳିନୀକାନ୍ତ ଜୟସିଂହଙ୍କ ନେତୃତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପରିବେଶବିତ୍ ତଥା ସାମାଜିକ କର୍ମୀ ଗୌରାଙ୍ଗ ଚରଣ ରାଉତ, ସ୍ତମ୍ଭକାର ମନୋରଞ୍ଜନ ଦଳାଇ, ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ହୃଷୀକେଶ ଜାଲି, ପ୍ରକୃତିବନ୍ଧୁ ପ୍ରମୋଦ ସାହୁକାର, ଅଧ୍ୟାପକ ରମାକାନ୍ତ ଚିଟୁଆନ, ବନ ଉନ୍ନୟନ ନିଗମ ଆକାଉଟାଣ୍ଟ ମହେନ୍ଦ୍ର କୁମାର ଗୋମାଙ୍ଗ, ଫିଲ୍ଡ ଆସିଷ୍ଟାଣ୍ଟ ବିଷ୍ଣୁ ପ୍ରସାଦ ପଢ଼ିହାରି ପ୍ରମୁଖ ଉପସ୍ଥିତ ରହି ମୁନିଗୁଡ଼ା କଲେଜ ରୋଡର ଉଭୟ ପାର୍ଶ୍ୱରେ ଚାରାରୋପଣ କରିଥିଲେ। ବିଶେଷକରି ବଉଳ, ପେସ୍ତାବାଦାମ ଓ ଅନ୍ୟାନ୍ୟ ଚାରାରୋପଣ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ମୁନିଗୁଡ଼ା ବନ ଉନ୍ନୟନ ନିଗମ କାର୍ଯ୍ୟାଳୟର କର୍ମଚାରୀ ନାରାୟଣ ଦାସ, ତନୁଜ କୁମାର କର, ରଶ୍ମିତା ମହାପାତ୍ର, ଶିବଶଙ୍କର ସାହୁ, କ୍ଷମା ବେହେରା,ଜ୍ଞାନ ରଞ୍ଜନ ଗୌଡ଼ ପ୍ରମୁଖ ଚାରାରୋପଣରେ ସହାୟତା କରିଥିଲେ।



ମୁନିଗୁଡ଼ା କଲେଜ ରୋଡରେ ଚାରାରୋପଣ କରାଯାଉଛି।

# ପାଇକ ଡାକୁଲୁଗୁଡ଼ା ହୀରାଖଣି ଖନନ ନେଇ ଜନଶୁଣାଣି

ବିଷମକଟକ, ୨୦।୭ (ବିଭୂତି ଭୂଷଣ ନାୟକ)

ରାୟଗଡ଼ା ଜିଲା ବିଷମକଟକ ବ୍ଲକ ଡାକୁଲୁଗୁଡ଼ାଠାରେ ଥିବା ବୈଦୁର୍ଯ୍ୟ ହୀରା ଖଣି ଖନନ ପାଇଁ ଗୁରୁବାର ଜନଶୁଣାଣି ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରାୟଗଡ଼ା ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ, ପ୍ରଦୂଷଣ ନିୟନ୍ତ୍ରଣ ଆଞ୍ଚଳିକ ଅଧିକାରୀ ଅଶୋକ କୁମାର ଭୋଇ, ବିଷମକଟକ ଏସ୍‌ଡିପିଓ ଆକାଶ କୁମାର ସାହୁ, ତହସିଲଦାର ଭେଙ୍କେଟଶ୍ୱର ରେଡ୍ଡୀ ପ୍ରମୁଖ ଉପସ୍ଥିତ ଥିଲେ । କୌଣସି ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟିହେବା ଆଶଙ୍କାରେ ଶୁଣାଣି ସମୟରେ ୪ ପ୍ଲାଟୁନ ଫୋର୍ସ ସହ ୪ ଥାନା ଅଧିକାରୀ ନିୟୋଜିତ ଥିଲେ। ତେବେ ଖଣି ଖନନକୁ ବିରୋଧ କରି ଖଣି ପାର୍ଶ୍ୱରେ ରହୁଥିବା କନ୍ଧଡାକୁଲୁଗୁଡ଼ା ଗ୍ରାମବାସୀ ଜନଶୁଣାଣିକୁ ବର୍ଜନକରି ଚାଲିଯାଇଥିଲେ। ଜନଶୁଣାଣି କାର୍ଯ୍ୟକ୍ରମରେ ମାତ୍ର ୮ ଜଣ ଅଂଶ ଗ୍ରହଣ କରିଥିବାବେଳେ ସେଥିମଧ୍ୟରୁ ୫ ଜଣ ଅଣ ଓଡ଼ିଆ ନିଜର ଭୁଲ୍ ପରିଚୟ ଦେଇ ଅଂଶ ଗ୍ରହଣ କରିଥିବା ଆଲୋଚନା ହେଉଛି। ମୁନିଗୁଡ଼ାର ୩ ଜଣ ବ୍ୟକ୍ତି ସେଠାରେ ଉପସ୍ଥିତ ଥିବା ବେଳେ ପାଇକଡାକୁଲୁଗୁଡା ଓ କନ୍ଧଡାକୁଲୁଗୁଡାର ଜଣେ ମଧ୍ୟ ବ୍ୟକ୍ତିଙ୍କୁ ଦେଖିବାକୁ ମିଳିଥିଲା ।





ଜନଶୁଣାଣିରେ ଉପସ୍ଥିତ ଅତିରିକ୍ତ ଜିଲାପାଳ ଓ କମ୍ପାନୀ କର୍ମକର୍ତ୍ତା ।

ଜନଶୁଣାଣି ଆରମ୍ଭରେ ଖଣି ଲିଜ୍‌ଧାରୀ କମ୍ପାନୀ ପକ୍ଷରୁ ଖଣି ସମ୍ପର୍କରେ ବିସ୍ତୃତ ବିବରଣୀ ଦିଆଯାଇଥିଲା । ପ୍ରସ୍ତାବିତ ଖଣି ଅଞ୍ଚଳରେ ଥିବା ଅନାବାଦୀ ଓ ବାଞ୍ଝରି ଜମି ଓ ଏଥିରେ କୌଣସି ଜଙ୍ଗଲ ଜମି ନ ଥିବା ଖନନ ସଂସ୍ଥା ପକ୍ଷରୁ କୁହାଯାଇଥିଲା। ଏଥିସହିତ ପ୍ରସ୍ତାବିତ ସମୟରେ ଯେତିକି ରତ୍ନପଥର ଉତ୍ପାଦନ କରାଯିବ ସେହି ସ୍ଥାନକୁ ବାଲି କିମ୍ବା ମାଟି ପକାଇ ପୋତି ଦିଆଯିବ ବୋଲି ମଧ୍ୟ କୁହାଯାଇଥିଲା। ମନୁଷ୍ୟକୃତ ପ୍ରକ୍ରିୟାରେ ଖଣି ଖନନ ଓ ରତ୍ନପଥର ପ୍ରକ୍ରିୟାକରଣ ତଥା ଆନୁଷଙ୍ଗିକ କାର୍ଯ୍ୟ କରାଯିବା ପାଇଁ ଯୋଜନା ରହିଛି । ଏହାସାଙ୍ଗକୁ ପ୍ରସ୍ତାବିତ ଖଣି ଅଞ୍ଚଳରେ ୧୦ କି.ମି. ବ୍ୟାସାର୍ଦ୍ଧ ମଧ୍ୟରେ ବାୟୁ, ଜଳ ଓ ମାଟିର ସୁରକ୍ଷା ନିମନ୍ତେ କମ୍ପାନୀ ଧ୍ୟାନଦେବ ବୋଲି କୁହାଯାଇଛି। ଖଣି ଚତୁଃପାର୍ଶ୍ୱରେ ରହିଥିବା ପାଇକ ଡାକୁଲୁଗୁଡ଼ା, ଡାକୁନ୍ଧଗୁଡ଼ା, ରାମନାକୁପୁଲୀ, କୁଣ୍ଡିଗୁଡା, ବାରଖମଣ ପ୍ରଭୃତି ଗ୍ରାମର ରାସ୍ତାଘାଟ, ଶିକ୍ଷା, ସ୍ୱାସ୍ଥ୍ୟ ଭଳି ସର୍ବାଙ୍ଗୀନ ଉନ୍ନତି କରାଯିବା ସହ ବ୍ୟାପକ ଚାରାରୋପଣ କରାଯିବ ବୋଲି କମ୍ପାନୀ କର୍ତ୍ତୃପକ୍ଷ ପ୍ରତିଶ୍ରୁତି ଦେଇଛନ୍ତି। ପ୍ରକଳ୍ପ କାର୍ଯ୍ୟକାରୀ ହେଲେ ପ୍ରଭାବିତ ଗ୍ରାମଗୁଡିକର କୁଶଳୀ, ଅଣକୁଶଳୀ ଶ୍ରମିକ ସମେତ ସର୍ବମୋଟ ୮୭ଜଣ କର୍ମଚାରୀଙ୍କୁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ନିଯୁକ୍ତି ମିଳିବ ବୋଲି କୁହାଯାଇଛି । ଏହାବ୍ୟତୀତ ସମୁଦାୟ ପ୍ରକଳ୍ପର ଆନୁମାନିକ ମୂଲ୍ୟ ୩୨୦ ଲକ୍ଷ ଟଙ୍କା ରଖାଯାଇଥିବା ବେଳେ ତଦନୁଯାୟୀ ୫% ଅର୍ଥ ସାମାଜିକ ବିକାଶ କାର୍ଯ୍ୟରେ ବିନିଯୋଗ କରିବା ପାଇଁ କମ୍ପାନୀ ଲକ୍ଷ୍ୟ ରଖିଥିବା କୁହାଯାଇଛି । ତେବେ ଜନଶୁଣାଣି ବେଳେ ଖଣି ଖନନକୁ ନେଇ ଲୋକଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ଦେଖାଦେଇଥିଲା। ନିଜର ବକ୍ତବ୍ୟ ରଖିବାକୁ ଉପସ୍ଥିତ ଗ୍ରାମବାସୀଙ୍କୁ ଡକାଯିବାରୁ ୮ ଜଣ ଗ୍ରାମବାସୀ ଖଣି ଖନନ ସମ୍ପର୍କରେ ମତ ରଖିଛନ୍ତି । ଜନଶୁଣାଣି ସରିବା ପରେ ଖଣି ଖୋଲା ହେଲେ ଅଞ୍ଚଳର ବିକାଶ ହେବ ବୋଲି କେତେଜଣ ଲୋକ କହୁଥିବା ବେଳେ ଅନ୍ୟ ଗୋଷ୍ଠୀ ଏହାଦ୍ୱାରା ଚାଷଜମି ନଷ୍ଟ ହୋଇ ଜଳ, ଜଙ୍ଗଲ ଓ ପରିବେଶ ଉପରେ ଏହାର କୁପ୍ରଭାବ ପଡିବ ବୋଲି ମତ ରଖିଛନ୍ତି । ଜନଶୁଣାଣି ପରେ ଅତିରିକ୍ତ ଜିଲାପାଳ ସୋମନାଥ ପ୍ରଧାନ କହିଛନ୍ତି, ଏହାର ସମସ୍ତ ତଥ୍ୟ ଜଙ୍ଗଲ ଓ ପରିବେଶ ବିଭାଗକୁ ପଠାଇ ଦିଆଯିବ । ଏହାସହିତ ଉକ୍ତ ମନ୍ତ୍ରଣାଳୟରୁ ନିର୍ଦ୍ଦେଶ ଆସିବା ପରେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏହି ଜନଶୁଣାଣିରେ ଆଖପାଖ ଅଞ୍ଚଳର ଲୋକେ ଆସି ନ ଥିବା ବିଷୟ ଓ ଲୋକେ ବିରୋଧ କରୁଥିବା ଅଭିଯୋଗ ବିଷୟରେ ପ୍ରଦୂଷଣ ନିୟନ୍ତ୍ରଣ ଆଞ୍ଚଳିକ ଅଧିକାରୀ ଅଶୋକ କୁମାର ଭୋଇଙ୍କୁ ପଚାରିବାରୁ ସେ କିଛି କହିପାରିବେ ନାହିଁ ବୋଲି କହିଥିଲେ।

ସୂଚନାନୁଯାୟୀ ପାଇକ ଡାକୁଲୁଗୁଡ଼ା ଓ କନ୍ଧ ତଳମୁଖ ଗ୍ରାମ ନିକଟସ୍ଥ ୩୮,୩୧୬ ହେକ୍ଟର ପରିମିତ ଅଞ୍ଚଳରେ ଏହି ବୈଦୁର୍ଯ୍ୟ ଖଣି ରହିଛି। ଏହି ଖଣିର ବାର୍ଷିକ ୪୦ କେଜି ରତ୍ନପଥର ଉତ୍ପାଦନ କ୍ଷମତା ରହିଛି । ଓଡ଼ିଶା ସରକାରଙ୍କ ଇସ୍ପାତ ଓ ଖଣି ବିଭାଗ ପକ୍ଷରୁ ୨୦୧୭ରେ ମେଶସ ବଜରଙ୍ଗ ଲାଲ ଗୁପ୍ତାକୁ ୫୦ ବର୍ଷ ପାଇଁ ଏହି ଖଣି ଲିଜ୍ ଆକାରରେ ଦିଆଯାଇଛି । ଖନନ କାର୍ଯ୍ୟ ଆରମ୍ଭ କରିବା ନିମନ୍ତେ ଆବଶ୍ୟକ ଜଙ୍ଗଲ, ପରିବେଶ ଓ ପ୍ରଦୂଷଣ ଅନୁମୋଦନ ପାଇଁ ଭୁବନେଶ୍ୱରସ୍ଥିତ କଲ୍ୟାଣୀ ଲାବରେଟୋରି ପ୍ରାଇଭେଟ୍ ଲିମିଟେଡ୍‌କୁ ଦାୟିତ୍ୱ ପ୍ରଦାନ କରାଯାଇଛି । ପ୍ରଥମ ବର୍ଷ ପ୍ରସ୍ତାବିତ ଖଣିରୁ ୩ କେଜି ରତ୍ନପଥର ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ୫ଟି ସର୍ଭେ ପରେ ହାରାହାରି ୧୮୫ କି.ଗ୍ରା. ରତ୍ନପଥର ଉତ୍ପାଦନ ପାଇଁ ଲକ୍ଷ୍ୟ ରଖାଯାଇଛି । ପ୍ରସ୍ତାବିତ ଖଣି ଖନନ ପାଇଁ ଡାକୁଲୁଗୁଡା ୧୧୦ ଏକର ଓ କାନ୍ଧ ଡାକୁଲୁଗୁଡା ୧.୧୫ ଏକର ଅଞ୍ଚଳ ଚିହ୍ନଟ କରାଯାଇଛି । ଏଥିମଧ୍ୟରୁ ୪୭ ଏକର ସରକାରୀ ଜମି ରହିଥିବାବେଳେ ୫୨ ଏକର ଘରୋଇ ଜମି ବୋଲି ଜଣାପଡ଼ିଛି ।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶୁକ୍ରବାର, ୨୧ ଜୁଲାଇ , ୨୦୨୩

**ବ୍ଲକସ୍ତରୀୟ ଜନଶୁଣାଣି ଶିବିର**

ଜୟପୁର, (ପବନ ପାଣିଗ୍ରାହୀ)- ଜୟପୁରଠାରେ ମହାତ୍ମା ଗାନ୍ଧୀ କର୍ମ ନିଯୁକ୍ତି ଯୋଜନାର ଜନଶୁଣାଣି ଶିବିର ଗୁରୁବାର ଅନୁଷ୍ଠିତ ହୋଇଛି। ଉପଜିଲାପାଳ ବେଦବର ପ୍ରଧାନଙ୍କ ଅଧକ୍ଷତାରେ ବ୍ଲକ ସଭା ଗୃହରେ ହୋଇଥିବା ଏହି ବ୍ଲକସ୍ତରୀୟ କାର୍ଯ୍ୟକ୍ରମରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା ଓ ପଞ୍ଚଦଶ ଅର୍ଥ ଆୟୋଗ ଉପରେ ଜନ ଶୁଣାଣି ହୋଇଥିଲା। ବିଡିଓ ରାଜୀବ ଦାସ, ସହକାରୀ ଯନ୍ତ୍ରୀ ବିଶ୍ୱନାଥ ପାତ୍ର, ଜିଲା ସାମାଜିକ ଅଧିକାରୀ ଅନିଲ ମହାରଣାଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ଫେଲ୍ ମାରିଲା ମାଓବାଦୀଙ୍କ ଯୋଜନା



ମାଲକାନଗିରି,୨୦।୭(ଦୁର୍ଯ୍ୟୋଧନ ପାତ୍ର)- ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ବିଜାପୁର ଜିଲାରେ ଏକ ଆଇଇଡି ବିସ୍ଫୋରଣ ହୋଇଛି। ତେବେ ବର୍ଷାରେ ଏହି ବିସ୍ଫୋରଣ ହୋଇଥିବାରୁ କାହାର କିଛି କ୍ଷତି ହୋଇନାହିଁ। ଫଳରେ ମାଓବାଦୀଙ୍କ ଯୋଜନା ଫେଲ ମାରିଛି। ଏହି ବିସ୍ଫୋରଣ ଯୋଗୁ ରାସ୍ତାରେ ୧୦ ଫୁଟର ଗର୍ତ୍ତ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି। ଲଗାଣ ବର୍ଷା ଯୋଗୁ ଲାଲ ବାହିନୀଙ୍କ ଯୋଜନା ଭଣ୍ଡୁର ହୋଇଛି। ବିଜାପୁରର ସୋମନପଲ୍ଲୀ ରାସ୍ତାରେ ଘଟିଛି ଏହି ବିସ୍ଫୋରଣ। ବହୁଦିନ ପୂର୍ବରୁ ମାଓବାଦୀମାନେ ଯବାନଙ୍କୁ ଟାର୍ଗେଟ କରି ରାସ୍ତା ତଳେ ଏକ ବଡ ଆଇଇଡି ଲଗାଇଥିଲେ।

### ବ୍ୟବହାର ଉପଯୋଗୀ ହୋଇପାରୁନି ନଳକୂପ

ଗୋବିନ୍ଦପାଲି,୨୦।୭(କାର୍ତ୍ତିକ ରଥ)- ଖଇରପୁଟ ବ୍ଲକ ଗୋବିନ୍ଦପାଲି ଗ୍ରାମର ବାବୁଲି ଦୋକାନ ନିକଟରେ ଥିବା ନଳକୂପଟି ବ୍ୟବହାର ଉପଯୋଗୀ ହୋଇପାରୁ ନାହିଁ। ନଳକୂପ ଉଚ୍ଚତା କମ୍ ଥିବାରୁ ବାଲ୍ଟି କିମ୍ବା ଅନ୍ୟ କେଣସି ଜିନିଷ ଥୋଇ ପାଣି ବାହାର କରାଯାଇ ପାରୁନାହିଁ। ଫଳରେ ଗ୍ରାମର ମହିଳାମାନେ ପାଣି ପାଇଁ ହଇରାଣ ହେଉଛନ୍ତି। ଏପରିକି ଲୋକେ ଗୋଡ ଧୋଇବା ବି କଷ୍ଟକର ହେଉଛି। ଏହାକୁ ବ୍ୟବହାର କରିବାରେ ସାହି ବାସିନ୍ଦା ଦୀର୍ଘ ବର୍ଷ ଧରି ହଇରାଣ ହେଉଥିବା ବେଳେ ଏହାକୁ କାର୍ଯ୍ୟକ୍ଷମ ଓ ଲୋକଙ୍କ ବ୍ୟବହାର ଉପଯୋଗୀ କରାଯାଉ ନ ଥିବାରୁ ଲୋକେ ଦୂରରେ ଥିବା ଅନ୍ୟ ନଳକୂପ ଉପରେ ନିର୍ଭର କରୁଛନ୍ତି। ଏହାକୁ କିଛି ଉପରକୁ ଯଦି ଉଠା ଯାଇ ପାରନ୍ତା ତେବେ



ଲୋକେ ଏହାକୁ ବ୍ୟବହାର କରିପାରିବେ ବୋଲି କେଶବ ଗୋଡ,ରାଜେନ୍ଦ୍ର କତ୍ରି, ଲଛମା କତଲି, ଶ୍ରବଣ ସାହୁ, ନିରଞ୍ଜନ ପ୍ରଧାନୀ ଓ ଲଛିମ ଦେଇ ନାୟକ ପ୍ରମୁଖ କହିଛନ୍ତି। ଏହାକୁ ବ୍ୟବହାର ଉପଯୋଗୀ କରିବାକୁ ସାଧାରଣରେ ଦାବି ହେଉଛି।

### ୧୨୨ ଶିକ୍ଷୟିତ୍ରୀ ଶିକ୍ଷକ ନେଲେ ଉତ୍କର୍ଷ ପ୍ରଶିକ୍ଷଣ

ଜୟପୁର,୨୦।୭ (ପବନ ପାଣିଗ୍ରାହୀ)- ଜୟପୁରସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଉତ୍କର୍ଷ ପ୍ରଶିକ୍ଷଣ ଶିବିର ୨୦୨୩-୨୪ ଅନୁଷ୍ଠିତ ହୋଇଯାଇଛି। ଶିବିରର ପ୍ରଥମ ଦିବସରେ ବୈପାରିଗୁଡା, କୁନ୍ଦୁରା, ସେମିଲିଗୁଡା, କୋରାପୁଟ ଓ ଲମତାପୁଟ ବ୍ଲକର ୧୨୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଓଡ଼ିଆ ଓ ବିଜ୍ଞାନ ବିଷୟରେ ପ୍ରଶିକ୍ଷଣ ନେଇଥିଲେ। ଶିବିରକୁ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଜଗନ୍ନାଥ ଭତ୍ରା ଓ ପ୍ରଧାନ ଶିକ୍ଷକ ଶ୍ୟାମ ମେହେର ଉଦ୍‌ଘାଟନ କରିଥିଲେ। ସାଧନକର୍ମୀ ଭାବେ ଶିକ୍ଷକ ଯଜ୍ଞେଶ୍ୱର ପଣ୍ଡା, ଜଗନ୍ନାଥ ସାହୁ ଓ ସିଦ୍ଧାର୍ଥ ଶଙ୍କର ମହାପାତ୍ର ଉପସ୍ଥିତ ରହି ତାଲିମ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେଇଥିଲେ।

### ସିୟୁଓ ପକ୍ଷରୁ ଚାରାରୋପଣ

କୋରାପୁଟ,୨୦।୭(ଅମିତାଭ ବେହେରା)- କୋରାପୁଟସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ (ସିୟୁଓ), ଜବାହର ନବୋଦୟ ବିଦ୍ୟାଳୟ ଓ କେନ୍ଦ୍ରୀୟ ବିଦ୍ୟାଳୟ ସୁନାବେଡାର ମିଳିତ ଆନୁକୂଲ୍ୟରେ ବିଶ୍ୱବିଦ୍ୟାଳୟ ପରିସରରେ ଏକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି କାର୍ଯ୍ୟକ୍ରମରେ କୁଳପତି ଚରାରୋପଣର ଉପକାରିତା ସମ୍ପର୍କରେ ଆଲୋକପାତ କରିଥିଲେ। ପରିବେଶ ସନ୍ତୁଳନ ବଜାୟ ରଖିବା ଏବଂ ମଣିଷକୁ ଅମ୍ଳଜାନ ଯୋଗାଇବାରେ ବୃକ୍ଷ ଓ ଜଙ୍ଗଲର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ହାଲ୍‌ର କୋରାପୁଟ ମହାପ୍ରବନ୍ଧକ ସୁଧାଂଶୁ ମୋହନ ଜେନା ମୁଖ୍ୟଅତିଥି ଭାବେ ଯୋଗଦେଇ ଚରାରୋପଣ ସମ୍ପର୍କରେ ସଚେତନତା ସୃଷ୍ଟିରେ ଶିକ୍ଷାନୁଷ୍ଠାନଗୁଡ଼ିକର ଭୂମିକା ଉପରେ ମତ ରଖିଥିଲେ। ଡିନ୍ ପ୍ରଫେସର ଶରତ ପାଲିତା, କୋରାପୁଟ କେନ୍ଦ୍ରୀୟ ବିଦ୍ୟାଳୟର ଅଧକ୍ଷ ଅରବିନ୍ଦ ବିଶ୍ୱାଳ,ସୁନାବେଡ଼ାର ଅନିନ୍ଦିତା ଚାଟାର୍ଜୀ, କୋରାପୁଟନବୋଦୟ ଅଧକ୍ଷା ମିଲାନୀ ମିତ୍ରା ସମ୍ମାନିତ ଅତିଥି ଭାବେ ଯୋଗଦେଇ ଚାରାରୋପଣ ଉପରେ ଗୁରୁତ୍ୱାରୋପ କରିଥିଲେ। ପ୍ରଫେସର ସୁଧେନ୍ଦୁ ମଣ୍ଡଳ, ଡିନ୍ ପ୍ରଫେସର ଏନ୍‌ସି ପଣ୍ଡାଉପସ୍ଥିତ ଥିଲେ।

# ଥମିଲା ବର୍ଷା, ସ୍ୱାଭାବିକ ହେଲା ଯାତାୟାତ

ମାଲକାନଗିରି,୨୦।୭(ଦୁର୍ଯ୍ୟୋଧନ ପାତ୍ର)/ ପୋଟେରୁ(ସୌରଭ ମଣ୍ଡଳ)

ଗତ ୩ଦିନ ଧରି ମାଲକାନଗିରି ଜିଲାରେ ପ୍ରବଳ ବର୍ଷା ଯୋଗୁ ଲୋକେ ଏକ ପ୍ରକାର ଜଳବନ୍ଦିରେ ରହି ଯାଇଥିଲା। ଫଳରେ ମାଥିଲି ବ୍ଲକ ପାଙ୍ଗାମ ପୋଲ, କାଲିମେଳା ବ୍ଲକ ପୋଟେରୁ ପୋଲ, କୋରୁକୋଣ୍ଡା ବ୍ଲକ ଏମ୍.ଭି. ୩୭ ଗ୍ରାମ ନିକଟ ପୋଲ ଉପରେ ୩ ଫୁଟରୁ ୫ ଫୁଟ ଉଚ୍ଚରେ ବର୍ଷା ଜଳ ପ୍ରବାହିତ ହେଉଥିଲା। ମାଲକାନଗିରିଠାରୁ ଜୟପୁର, କାଲିମେଳା, ମୋଟୁ, ବାଲିମେଳା ଓ ଚିତ୍ରକୋଣ୍ଡାକୁ ଯାତାୟାତ ସମ୍ପୂର୍ଣ ବନ୍ଦ ହୋଇଯାଇଥିଲା। ଫଳରେ ଏହି ପୋଲଗୁଡିକର ଉଭୟ ପାର୍ଶ୍ୱରେ ଯାତ୍ରୀବାହୀ ବସ୍‌ଗୁଡିକ ମଧ ଅଟକି ରହିଥିଲା। ଗୁରୁବାର ସକାଳ ସୁଦ୍ଧା ବର୍ଷା ପରିମାଣ କମିଥିବା ବେଳେ ଏହି ପୋଲ ଉପରେ ପ୍ରବାହିତ ହେଉଥିବା ବର୍ଷାଜଳ କମି ଥିବା ଜଣାପଡିଛି। ଫଳରେ ଯାତାୟାତ ସ୍ୱାଭାବିକ ହୋଇଛି।



ପାଙ୍ଗାମ ନଦୀର ଜଳସ୍ତର ହ୍ରାସ ପାଇଛି।

ଅନ୍ୟ ପକ୍ଷରେ ଜିଲା ପ୍ରସାଶନ ତରଫରୁ ସମସ୍ତ ବିଡିଓ, ତହସିଲଦାର ଓ ଅତିରିକ୍ତ ଜିଲାପାଳ ବିଭିନ୍ନ ଅଞ୍ଚଳ ଗସ୍ତକରି କ୍ଷୟକ୍ଷତିର ଆକଳନ କରିଛନ୍ତି। ଭାଙ୍ଗି ଯାଇଥିବା କଚ୍ଚା ଘର, ଚାଷ ଜମିରେ ଜଳ ପ୍ରବେଶ କରି ନଷ୍ଟ ହୋଇଥିବା ଅଞ୍ଚଳଗୁଡିକୁ ବୁଲି ଦେଖିଥିଲେ। ଅତିରିକ୍ତ ଜିଲାପାଳ ମହେଶ୍ୱର ଚନ୍ଦ୍ର ନାୟକ କହିଛନ୍ତି, ଗତବର୍ଷ ଅପେକ୍ଷା ଚଳିତ ବର୍ଷ ସେତେ ପରିମାଣର ବୃଷ୍ଟିପାତ ହୋଇନାହିଁ, କି ବିଶେଷ କ୍ଷୟକ୍ଷତି ହୋଇନାହିଁ । କିନ୍ତୁ ପ୍ରତି ବ୍ଲକର ଅଧିକାରୀମାନେ କ୍ଷୟକ୍ଷତି ଆକଳନ କରୁଛନ୍ତି। ସମ୍ପୂର୍ଣ ତଥ୍ୟ ପ୍ରଦାନ କଲାପରେ କେତେ ପରିମାଣରେ କ୍ଷୟକ୍ଷତି ହୋଇଛି ତାହା ଜଣାପଡିବ । ଅନ୍ୟ ପକ୍ଷରେ ଯେଉଁ ଅଞ୍ଚଳରେ ଘର ଭିତରେ ପାଣି ପଶିଥିବ ସେଠାରେ ଖାଦ୍ୟ ଓ ଅନ୍ୟାନ୍ୟ ସୁବିଧା ଯୋଗାଇ ଦିଆଯାଉଛି।

# ମାଲକାନଗିରିରେ ଆଖିଧରା ବ୍ୟାପୁଛି

ମାଲକାନଗିରି, ୨୦।୭(ଦୁର୍ଯ୍ୟୋଧନ ପାତ୍ର)

ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଗତ କିଛିଦିନ ଧରି ଆଖିଧରା ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ଦୈନିକ ୨୦୦ରୁ ଅଧିକ ରୋଗୀ ଡାକ୍ତରଖାନାକୁ ଆସଛନ୍ତି। ସେଥିରୁ ଅଧିକାଂଶ ଆଖିଧରା ରୋଗୀ । ଏହା ଭୂତାଣୁ ଜନିତ ରୋଗ ହୋଇଥିବାରୁ ଏହା ଦ୍ରୁତ ଗତିରେ ବ୍ୟାପୁଛି। ଏହି ରୋଗୀମାନଙ୍କ ମଧ୍ୟରେ ଅଧିକାଂଶ ବିଦ୍ୟାଳୟର ଛାତ୍ରୀଛାତ୍ର ଅଛନ୍ତି । ତେବେ ଏତେ ସଂଖ୍ୟକ ରୋଗୀ ଆସୁଥିବାରୁ ସେମାନଙ୍କ ତଥ୍ୟ ରେକର୍ଡ କରିବାରେ ଅସୁବିଧା ହେଉଛି। ଅନ୍ୟପକ୍ଷେ ଏଠାରେ ଜଣେ ଚକ୍ଷୁ ଡାକ୍ତର ଥିବାରୁ ଏତେ ସଂଖ୍ୟକ ରୋଗୀଙ୍କୁ ଚିକିତ୍ସା କରିବା ପାଇଁ ସମ୍ଭବ ହୋଇ ପାରୁନାହିଁ। ଆଖିଧରା ଔଷଧ ଡାକ୍ତରଖାନାରେ ମହଜୁଦ ରଖିବାକୁ ଦାବି ହୋଇଛି। ଖୁବ୍ ଶୀଘ୍ର ଔଷଧ ପହଞ୍ଚିବ ବୋଲି ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦ କହିଛନ୍ତି। ଏହି ରୋଗ ପରିବାରର ଜଣଙ୍କୁ ହେଲେ ଅନ୍ୟମାନଙ୍କୁ ସଂକ୍ରମିତ ହୋଇଥାଏ । ବିଶେଷ କରି ଛାତ୍ରୀଛାତ୍ର ଏଥିରେ ସର୍ବାଧିକ ସଂକ୍ରମିତ ହୋଇଥାନ୍ତି। ମୁଖ୍ୟ ଚିକିତ୍ସାଳୟ ସୂତ୍ରରୁ ଜଣାପଡିଛି, ଚକ୍ଷୁ ଚିକିତ୍ସା ବିଭାଗରେ ଗତ ମେ ମାସରେ ମୋଟ ୯୦୬ ଜଣ ଚିକିତ୍ସିତ ହୋଇଥିଲେ। ଜୁନ୍‌ରେ ହଠାତ୍ ତିନିଗୁଣ ଅଧିକ ଅର୍ଥାତ ୨୭୧୧ ଜଣ ଚିକିତ୍ସିତ ହୋଇଛନ୍ତି। ଚଳିତ ମାସରେ ସ୍ଥିତି ନିୟନ୍ତ୍ରଣ ବାହାରକୁ ଚାଲି ଯାଇଛି। ତେଣୁ ଏଠାରେ ସ୍ଥାୟୀ ଚକ୍ଷୁ ବିଶେଷଜ୍ଞ ନାହାନ୍ତି। ତୁରନ୍ତ ସ୍ଥାୟୀ ବିଶେଷଜ୍ଞ ନିଯୁକ୍ତି ପାଇଁ ସାଧାରଣରେ ଦାବି ହେଉଛି।

# ଭେକ୍ଟର ବାହିତ ରୋଗ ନିରାକରଣ ଟାସ୍କଫୋର୍ସ କମିଟି ବୈଠକ



ବୈଠକରେ ଲୋକଙ୍କୁ ସଚେତନ କରାଯାଉଛି।

ଚିତ୍ରକୋଣ୍ଡା,୨୦।୭(କ୍ଷୀରୋଦ ବେହେରା)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ସଭାଗୃହରେ ଭେକ୍ଟର ବାହୀତ ରୋଗ ନିରାକରଣ ଟାସ୍କ ଫୋର୍ସ କମିଟି ବୈଠକ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଏଡିପିଏଚଓ ଧନେଶ୍ୱର ମହାପାତ୍ରଙ୍କ ଅଧକ୍ଷତାରେ ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ୧୮ ପଞ୍ଚାୟତ ଅଞ୍ଚଳକୁ ସ୍ୱାସ୍ଥ୍ୟସେବା ଯୋଗାଇ ଆସୁଥିବା ୩ ଟି ମେଡିକାଲ ଯଥା ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ, କୋରୁକୋଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ କୁଡୁମୁଲୁଗୁମା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ମିଳିତ ଆନୁକୂଲ୍ୟରେ, ଚିତ୍ରକୋଣ୍ଡା ଉପଖଣ୍ଡ ଚିକିତ୍ସାଳୟ ଅଧକ୍ଷ ଡାକ୍ତର କ୍ଷୀରୋଦ ଚନ୍ଦ୍ର ମହନ୍ତ, କୋରୁକୋଣ୍ଡା ମେଡିକାଲ ଅଫିସର ସମ୍ବିତ କୁମାର ପ୍ରଧାନ ଏବଂ କୁଡୁମୁଲୁଗୁମା ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ସନ୍ତୋଷ କୁମାର ଷଡ଼ଙ୍ଗୀଙ୍କ ମିଳିତ ଉଦ୍ୟମରେ ବୈଠକ କରାଯାଇଥିଲା।

ଏଥିରେ ଭେକ୍ଟର ବାହିତ ରୋଗ ଯଥା ଡେଙ୍ଗୁ, ଡାଇରିଆ ଓ ମ୍ୟାଲେରିଆ ଆଦି ରୋଗ ନିରାକରଣ ନିମନ୍ତେ ଟାସ୍କଫୋର୍ସ କମିଟି ମାଧ୍ୟମରେ ସଚେତନତା କରାଯାଇଥିଲା। ଗାଁଗୁଡିକରେ ଜନସାଧାରଣଙ୍କୁ ସ୍ୱାସ୍ଥ୍ୟ ସଚେତନତା ସୃଷ୍ଟି କରିବା, ନିୟମିତ ମଶାରି ବ୍ୟବହାର, ପରିବେଶ ପରିଷ୍କାର ରଖିବା, ମ୍ୟାଲେରିଆ ରୋଗ କିପରି ହୁଏ ବା ବ୍ୟାପେ, ଡେଙ୍ଗୁ ଲକ୍ଷଣ ଆଦି ଉପରେ ଜନସାଧାରଣଙ୍କୁ ବୁଝାଇଥିଲେ। ଏଥିସହ ଘର ଚାରିପାଖ ସଫା ରଖିବା, ନାଳ ନର୍ଦ୍ଦମା ସଫା ରଖିବା, ଘର ଭିତରେ ଡ଼ିଡ଼ିଟି ସ୍ପ୍ରେ ଇତ୍ୟାଦି ଉପରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମକୁ ମ୍ୟାଲେରିଆ ଟେକ୍ନିସିଆନ ପ୍ରସନ କୁମାର ସାହୁ, ବିପିଏମ୍ କେ. ମଣ୍ଟୁ ଏବଂ ପିଏଚଇଓ ଅନେଶ ଚନ୍ଦ୍ର ରାୟ ଓ କୁଡୁମୁଲୁଗୁମା ମ୍ୟାଲେରିଆ ସୁପରଭାଇଜର ତନ୍ମୟ ବାଚାର ଓ ବିପିଏମ ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସହକାରୀ ଯନ୍ତ୍ରୀ ସୂର୍ଯ୍ୟ ନାରାୟଣ ବେହେରା, ଜିପିଓ ରାମେଶ୍ୱର ପୂଜାରୀ, ବନାଞ୍ଚଳ ଅଧିକାରୀ ବଳରାମ ନାୟକ ଓ ବିଇଓ ଗାୟତ୍ରୀ ଦେବୀ ପ୍ରମୁଖ ଉପସ୍ଥିତ ଥିଲେ।

## ଗର୍ଭବତୀଙ୍କୁ ରକ୍ତଦେଇ ବଞ୍ଚାଇଲେ ଜୀବନ

### ପଟ୍ଟାଙ୍ଗି ଓଡିଶା ମୋଟର ଚାଳକ ସଂଘ ସଦସ୍ୟଙ୍କ ବଦାନ୍ୟତା

ପଟ୍ଟାଙ୍ଗି, ୨୦।୭(ଶରତ ଧଳ)

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକରେ କାର୍ଯ୍ୟ କରୁଥିବା ଓଡ଼ିଶା ମୋଟର ଚାଳକ ସଂଘର ଜଣେ ସଦସ୍ୟଙ୍କ ବଦାନ୍ୟତା ଏବେ ଚର୍ଚ୍ଚାର ବିଷୟ ହୋଇଛି। ରକ୍ତ ଅଭାବଜନିତ ସମସ୍ୟାର ସମ୍ମୁଖୀନ ହୋଇଥିବା ଜଣେ ଗର୍ଭବତୀଙ୍କୁ ରକ୍ତ ଦେଇ ତାଙ୍କ ଜୀବନ ବଞ୍ଚାଇଛନ୍ତି। ସେ ହେଲେ ସଂଘର ଜଣେ ସଦସ୍ୟ ହରପ୍ରସାଦ ରାଉତ।

ଖବରରୁ ଜଣାପଡିଛି, ଏହି ବ୍ଲକର ରାଲେଗଡା ଗ୍ରାମର ରାଜୁ ପୋଲିଙ୍କ ଗର୍ଭବତୀ ସ୍ତ୍ରୀ ଚମ୍ପି କୋରାପୁଟ ମେଡ଼ିକାଲ କଲେଜରେ ଚିକିତ୍ସାଧୀନ ଅଛନ୍ତି।



ତାଙ୍କଠାରେ ରକ୍ତହିନତା ରହିଥିବାରୁ ତାଙ୍କ ସ୍ୱାସ୍ଥ୍ୟବସ୍ଥା ଠିକ ନ ଥିଲା। ତାଙ୍କୁ ରକ୍ତ ଦେବା ନିହାତି ଆବଶ୍ୟକ ଥିଲା। ଏନେଇ ସ୍ୱାମୀ ରାଜୁ ଚିନ୍ତାରେ ପଡି ଯାଇଥିଲେ। ଗତ ଦୁଇଦିନ ମଧ୍ୟରେ ଖବରପାଇ କେତେ ଜଣ ସାମାଜିକ କର୍ମୀ ମେଡିକାଲ କଲେଜରେ ପହଞ୍ଚି ତାଙ୍କୁ ରକ୍ତଦାନ କରିଥିବା ବେଳେ ଗୁରୁବାର ପଟ୍ଟାଙ୍ଗିସ୍ଥିତ ଓଡିଶା ମୋଟର ଚାଳକ ସଂଘ ସଦସ୍ୟ ହରପ୍ରସାଦ ରକ୍ତ ଦେଇଛନ୍ତି। ହରପ୍ରସାଦ କୌଣସି କାର୍ଯ୍ୟରେ କୋରାପୁଟ ମେଡ଼ିକାଲ କଲେଜକୁ ଯାଇଥିଲେ। ସେସମୟରେ ସେ ଗର୍ଭବତୀ ଚମ୍ପିଙ୍କ ସମ୍ପର୍କରେ ଖବର ପାଇ ତାଙ୍କୁ ରକ୍ତଦାନ କରିବାକୁ ଡାକ୍ତରଙ୍କୁ ପ୍ରସ୍ତାବ ଦେଇଥିଲେ। ଏଥିରେ ସହମତି ପ୍ରକାଶ କରି ଡାକ୍ତର ତାଙ୍କଠାରୁ ରକ୍ତ ନେଇ ପରୀକ୍ଷା କରିଥିଲେ। ଏହା ଚମ୍ପିଙ୍କ ରକ୍ତ ସହ ମିଶିବାରୁ ହରପ୍ରସାଦଙ୍କୁ ରକ୍ତଦାନ କରିବାକୁ ଡାକ୍ତର ଅନୁମତି ଦେଇଥିଲେ। ହରପ୍ରସାଦଙ୍କ ଏପରି ସହଯୋଗକୁ ସଂଘ ସଭାପତି ଅର୍ଜୁନ ଖରା ଏବଂ ସାଧାରଣ ସମ୍ପାଦକ ଶରତ କୁମାର ଧଳ ପ୍ରଶଂସା କରିଛନ୍ତି। ଶୁକ୍ରବାର ଚମ୍ପିଙ୍କୁ ରକ୍ତ ଦେବାକୁ ସଂଘର ଅନ୍ୟତମ ସଦସ୍ୟ ସୂର୍ଯ୍ୟ ନାରାୟଣ ଦାସ ସହମତି ଦେଇଥିବା ଜଣାପଡ଼ିଛି।

# ବର୍ଷାରେ ଏମ୍‌ଭି ୧୦୭ ଗ୍ରାମରେ ଭାଙ୍ଗିଲା ଘର





ଭାଙ୍ଗି ଯାଇଥିବା ଘର ।

କାଲିମେଳା, ୨୦।୭(ଜୀବନକୃଷ୍ଣ ଦାସ )

ଗତ ୪ ଦିନରୁ ଊର୍ଦ୍ଧ୍ୱ ସମୟ ଧରି ମାଲକାନଗିରି ଜିଲାରେ ଲଘୁଚାପ ଜନିତ ବର୍ଷା ଲାଗି ରହିଛି । ଏଠାରେ ପ୍ରବଳ ବର୍ଷା ହେବା ଯୋଗୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ତେବେ ଅତ୍ୟଧିକ ବର୍ଷାରେ ଜିଲାର କାଲିମେଳା ବ୍ଲକ ଅନ୍ତର୍ଗତ ତେଲରାଇ ପଞ୍ଚାୟତ ଏମ୍‌ଭି ୧୦୭ ଗ୍ରାମରେ ଏକ ଘର ଭାଙ୍ଗି ଯାଇଥିବା ଦେଖିବାକୁ ମିଳିଛି। ମଙ୍ଗଳବାର ରାତିରେ ଏମ୍‌ଭି- ୧୦୭ ଗ୍ରାମର କ୍ରିଷ୍ଟା କୀର୍ତ୍ତନୀୟାଙ୍କ ଟାଇଲ ଛପର ଘର କାନ୍ଥ ବର୍ଷାରେ ଭିଜିଯାଇ ଭୁଶୁଡ଼ି ପଡିଥିଲା । ଏ ନେଇ ଅଳ୍ପକେ ରକ୍ଷା ପାଇଛନ୍ତି ଦମ୍ପତି । ଘର ଭାଙ୍ଗିବା ବିଷୟରେ ମାଲିକ କ୍ରିଷ୍ଟା କୀର୍ତ୍ତନୀୟା ଏବଂ ତାଙ୍କ ସ୍ତ୍ରୀ ତପସୀ ନିକଟରେ ଥିବା ଭାଇ ଘରେ ଆଶ୍ରୟ ନେଇଛନ୍ତି। ଏଥି ଯୋଗୁ କ୍ରିଷ୍ଟାଙ୍କ ଘର ଭିତରେ ଥିବା ସମସ୍ତ ଆସବାବପତ୍ର ଇତ୍ୟାଦି ସମ୍ପୂର୍ଣ୍ଣ ମାଟିରେ ମିଶିଯାଇଛି। ଘଟଣାକୁ ୩ ଦିନ ବିତିଯାଇଥିଲେ ସୁଦ୍ଧା ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପ୍ରଶାସନିକ ଅଧିକାରୀ ତାଙ୍କ ଘରକୁ ଯାଇନାହାନ୍ତି। ପ୍ରଶାସନ ପକ୍ଷରୁ ତାଙ୍କୁ ଘର ଏବଂ ଅନ୍ୟାନ୍ୟ ସରକାରୀ ସହାୟତା ଦେବାକୁ ଅଞ୍ଚଳବାସୀ ଦାବି କରିଛନ୍ତି। ଏ ନେଇ କାଲିମେଳା ତହସିଲଦାର ଚାଇନୁ ଗଣ୍ଡଙ୍କୁ ପଚାରିବାରୁ ତାଙ୍କ ପାଖରେ କୌଣସି ସୂଚନା ନ ଥିବା କହିବା ସହ ଗଣମାଧ୍ୟମ ପ୍ରତିନିଧିଙ୍କଠାରୁ ଖବର ପାଇ ତୁରନ୍ତ ଆରଆଇଙ୍କୁ ତାଙ୍କ ଘରକୁ ପଠାଇ ବ୍ୟବସ୍ଥା କରିବି ବୋଲି କହିଥିଲେ ।

# ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଲା ଉତ୍କଳ ସାମ୍ବାଦିକ ସଂଘ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ସାମ୍ବାଦିକ ସଂଘ କର୍ମକର୍ତ୍ତାମାନେ ।

ମାଲକାନଗିରି,୨୦।୭(ଦୁର୍ଯ୍ୟୋଧନ ପାତ୍ର)

**ସାମ୍ବାଦିକଙ୍କ ସ୍ୱାସ୍ଥ୍ୟ ବୀମା ରାଶି ବୃଦ୍ଧି**

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସାମ୍ବାଦିକମାନଙ୍କର ବହୁ ଦିନର ଦାବିକୁ ବିଚାର କରି ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶି ୨ଲକ୍ଷରୁ ୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏଥିଯୋଗୁ ଉତ୍କଳ ସାମ୍ବାଦିକ ସଂଘ ମାଲକାନଗିରି ଜିଲା ତରଫରୁ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇଛନ୍ତି। ସଂଘ ସଭାପତି ଦୁର୍ଯ୍ୟୋଧନ ପାତ୍ରଙ୍କ ଅଧକ୍ଷତାରେ କାର୍ଯ୍ୟକାରୀ ସଭାପତି ଅଶୋକ ମିଶ୍ର, ପୂର୍ବତନ ସଭାପତି ମନୋଜ ମହାନ୍ତି, ସମ୍ପାଦକ ଶ୍ରୀନିବାସ ପାତ୍ର, ଉପଦେଷ୍ଟା ସୀମାଞ୍ଚଳ ପାଣିଗ୍ରାହୀ, ଯୁଗ୍ମ ସମ୍ପାଦକ ଅପୂର୍ବ ଥଣ୍ଡର ଓ କିଶୋର ପାତିକାଙ୍କ ସହ ୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହା ରାଜ୍ୟ ସଭାପତି ବିଭୂତି ଭୂଷଣ କର ଏବଂ ରାଜ୍ୟ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଜଣାଇଥିଲେ। ତେବେ ରାଜ୍ୟ ସଭାପତି କରଙ୍କ ନେତୃତ୍ୱରେ ରାଜ୍ୟ ସରକାରଙ୍କ ନିକଟରେ ୩ ଟି ଦାବି ଉପସ୍ଥାପନ କରାଯାଇଥିଲା। ସାମ୍ବାଦିକ ସୁରକ୍ଷା ଆଇନ, ପେନସନ ଲାଗୁ, ସ୍ୱାସ୍ଥ୍ୟ ବିମା ୨ଲକ୍ଷରୁ ୫ ଲକ୍ଷକୁ ବୃଦ୍ଧି କରିବା ପାଇଁ ଜିଲା ସଂଗଠନଗୁଡିକ ମଧ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଫେବୃୟାରୀ ୫ରେ ଭୁବନେଶ୍ୱରଠାରେ ଉତ୍କଳ ସାମ୍ବାଦିକ ସଂଘ ସଦସ୍ୟ ବିକ୍ଷୋଭ ସହ ପ୍ରତିବାଦ କରିଥିଲେ। ଅନ୍ୟ ଦୁଇଟି ଦାବି ସାମ୍ବାଦିକ ସୁରକ୍ଷା ଆଇନ ୨୦ ବର୍ଷରୁ ଊର୍ଦ୍ଧ୍ୱ କାର୍ଯ୍ୟ କରିଥିବା ସାମ୍ବାଦିକମାନଙ୍କ ପେନସନ ଲାଗୁ କରିବା ପାଇଁ ବୈଠକରେ ଅନୁରୋଧ କରାଯାଇଛି।

# ରାତିରେ ଡିଇଓ କାର୍ଯ୍ୟାଳୟ ଘେରାଉ

**ସ୍ଥାୟୀ କରା ନ ଯିବାରୁ ଶିକ୍ଷକଙ୍କ ପ୍ରତିବାଦ**

କୋରାପୁଟ,୨୦।୭(ଅମିତାଭ ବେହେରା)

ରାଜ୍ୟସରକାରଙ୍କ ପକ୍ଷରୁ ନିର୍ଦ୍ଦେଶନାମା ସତ୍ତ୍ୱେ କୋରାପୁଟ ଜିଲାର ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ସ୍ଥାୟୀ କରାଯାଉ ନ ଥିବାରୁ ଏହାର ପ୍ରତିବାଦରେ ଶିକ୍ଷକମାନେ ଗୁରୁବାର ରାତିରେ ଜିଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ୨୦୧୬ରୁ ୨୦୨୨ ମଧ୍ୟରେ କୋରାପୁଟ ଜିଲାର ବିଭିନ୍ନ ବିଦ୍ୟାଳୟରେ ଚୁକ୍ତିଭିତ୍ତିକ ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ଶତାଧିକ ଶିକ୍ଷକଙ୍କୁ ସରକାର ସ୍ଥାୟୀ କରିବା ନେଇ ବିଭାଗ ପକ୍ଷରୁ ଜୁନ ୨୨ରେ ନିର୍ଦ୍ଦେଶନାମା ଜାରି କରାଯାଇ ଏନେଇ ରାଜ୍ୟର ୩୦ଟିଯାକ ଜିଲାର ଶିକ୍ଷା ଅଧିକାରୀମାନଙ୍କୁ



କାର୍ଯ୍ୟାଳୟ ଘେରାଉ କରିଥିବା ଶିକ୍ଷକମାନେ ।

ଅବଗତ କରାଯାଇଥିଲା। ନିର୍ଦ୍ଦେଶନାମାର ୧ ମାସ ମଧ୍ୟରେ ସ୍ଥାୟୀ ନିଯୁକ୍ତି ପକ୍ରିୟା ସାରିବାକୁ କୁହାଯାଇଥିଲା । ଏହି ଅନୁଯାୟୀ ରାଜ୍ୟର ୩୦ ଜିଲାରୁ ୨୮ ଜିଲା ଏହି ନିର୍ଦ୍ଦେଶନାମା କାର୍ଯ୍ୟକାରୀ କରିଥିବାବେଳେ କୋରାପୁଟ ଜିଲାରେ ଏ ପର୍ଯ୍ୟନ୍ତ ଏହା ଲାଗୁ କରାଯାଇନାହିଁ। ଏହାର ପ୍ରତିବାଦରେ ଜିଲାର ଶତାଧିକ ଚୁକ୍ତିଭିତ୍ତିକ ଶିକ୍ଷୟିତ୍ରୀ ଶିକ୍ଷକମାନେ ଶିକ୍ଷକ ରାଧାକାନ୍ତ ରାଉତଙ୍କ ନେତୃତ୍ୱରେ ରାତିରେ ଜିଲା ଶିକ୍ଷାଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ସେଠାରେ ଦୀର୍ଘସମୟ ଧାରଣା ଦେଇ ସେମାନେ ଏକ ଦାବିପତ୍ର ଜିଲା ଶିକ୍ଷା ଅଧିକାରୀଙ୍କୁ ପ୍ରଦାନ କରିଥିବା ଜଣାପଡିଛି।

# ଜଙ୍ଗଲରୁ ମିଳିଲା ପୂର୍ବତନ ଲ୍ୟାମ୍ପସ୍ ଶାଖା ପରିଚାଳକଙ୍କ ମୃତଦେହ

କୋରାପୁଟ/ନାରାୟଣପାଟଣା,୨୦।୭ (ଅମିତାଭ ବେହେରା/ରାଜ କିଶୋର ଜେନା)

**୯ ଦିନ ହେଲା ନିଖୋଜ ଥିଲେ**

କୋରାପୁଟ ଜିଲା ନାରାୟଣପାଟଣା ବ୍ଲକର ପୂର୍ବତନ ଲ୍ୟାମ୍ପସ୍ ଶାଖା ପରିଚାଳକ ତୁଳସୀ ସାହୁକାରଙ୍କ ମୃତଦେହ ଜଙ୍ଗଲରୁ ଜବତ ହୋଇଛି। ଗତ ୧୨ ତାରିଖ ରାତିରେ ସେ କୁମ୍ଭାରୀ ଗ୍ରାମରୁ ନିଜ ଘରୁ କେଉଁଆଡେ ଫେରାର ହୋଇଯାଇଥିଲେ। ଦୁଇ ଦିନଧରି ପରିବାର ବର୍ଗ ଲୋକେ ବହୁ ଖୋଜା ଖୋଜି କରିବା ପରେ ମଧ ତାଙ୍କୁ ପାଇ ନ ଥିଲେ। ପରେ ଏନେଇ ନାରାୟଣପାଟଣା ଥାନାରେ ପରିବାର ଲୋକେ ଏତଲା ଦେଇଥିଲେ। ଏହାକୁ ଭିତ୍ତି କରି ନାରାୟଣପାଟଣା ପୋଲିସ ମଧ୍ୟ ତାଙ୍କୁ ଖୋଜିବା ଜାରି ରଖିଥିଲା। ବୁଧବାର ତୁଳସୀଙ୍କ ମୃତଦେହ ଗ୍ରାମଠାରୁ ଏକ କି.ମି.ଦୂରରେ ଥିବା ଏକ ଘଞ୍ଚ ଜଙ୍ଗଲରୁ ବୁଧବାର ସନ୍ଧ୍ୟାରେ ଠାବ ହୋଇଥିଲା । ପରିବାର ଲୋକେ ଏନେଇ ପୋଲିସକୁ ସୂଚନା ଦେବାରୁ ଗୁରୁବାର ପୋଲିସ ସହ କୋରାପୁଟରୁ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ମାଜିଷ୍ଟ୍ରେଟ ଦାୟିତ୍ୱରେ ଥିବା ତହସିଲଦାରଙ୍କ ଉପସ୍ଥିତରେ ମୃତଦେହ ଚିହ୍ନଟ ହୋଇଥିଲା।



ତୁଳସୀ ସାହୁକାର

ପରେ ଏହାକୁ ବ୍ୟବଚ୍ଛେଦ ଲାଗି ପଠାଯାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ତୁଳସୀଙ୍କ ଦୁଇଟି ସ୍ତ୍ରୀ ଅଛନ୍ତି। ପ୍ରଥମ ସ୍ତ୍ରୀଙ୍କ ସହ ପରିବାର ଧରି ସେ କୁମ୍ଭାରୀ ଗ୍ରାମରେ ରହିଆସୁଥିଲେ। ଗତ କିଛିଦିନ ହେବ ସେ ମାନସିକ ସ୍ତରରେ ଚିନ୍ତିତ ଥିଲେ। ତେବେ ମୃତଦେହ ପାଇବା ପରେ ତାଙ୍କର ଅନ୍ତିମ ସତ୍କାର କରାଯାଇଛି।

# ଜନ୍ମ, ମୃତ୍ୟୁ ପ୍ରମାଣପତ୍ର ଦେବାକୁ ଆଦାୟ ହେଉଛି ଟଙ୍କା

ବୈପାରିଗୁଡା,୨୦।୭(କଳ୍ପତରୁ ମହାନ୍ତି)

ସରକାରଙ୍କ ଅନେକ ଯୋଜନାରେ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ରକୁ ଗୁରୁତ୍ୱପୂର୍ଣ୍ଣ ମନେ କରାଯାଏ। ତେବେ ଏସବୁ ପ୍ରମାଣପତ୍ର ପାଇଁ ସ୍ଥାନୀୟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ୩ ଶହ ଟଙ୍କା ଆଦାୟ କରାଯାଉଥିବା ଅଭିଯୋଗ ହେଉଛି ।

ଏପରି ଅଭିଯୋଗ ଆଣିଛନ୍ତି ବୈପାରିଗୁଡା ବ୍ଲକ ଦୋରାଗୁଡା ପଞ୍ଚାୟତ ବେନ୍ଦ୍ରାଗୁଡା ଗ୍ରାମର ଗଙ୍ଗାଧର ବଡନାୟକ ଓ ପବିତ୍ର ବଡନାୟକ । ସୋମବାର ଉଭୟେ ସେମାନଙ୍କ ବାପାଙ୍କ ମୃତ୍ୟୁଜନିତ ପ୍ରମାଣପତ୍ର ପାଇଁ ଯାଇଥିଲେ। ଗଙ୍ଗାଧର ତାଙ୍କ ବାପା ସ୍ୱର୍ଗତ ବୈଦ ବଡନାୟକ ଓ ପବିତ୍ର ତାଙ୍କ ବାପା ସ୍ୱର୍ଗତ ଶ୍ୟାମ ବଡନାୟକଙ୍କ ମୃତ୍ୟୁଜନିତ ପ୍ରମାଣ ପତ୍ର ପାଇଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଯାଇଥିଲେ।



ହିରାମଣୀଙ୍କ ସ୍ୱାମୀ ଓ ଗଙ୍ଗାଧର, ପବିତ୍ର ଟଙ୍କା ଦେଇ ପାଇଥିବା ଜନ୍ମମୃତ୍ୟୁ ପଞ୍ଜୀକରଣ ପ୍ରମାଣପତ୍ର ଦେଖାଉଛନ୍ତି।

ତେବେ ସେଠାରେ ସ୍ଥାନୀୟ ଅଞ୍ଚଳର ଜଣେ ଆଶାକର୍ମୀ ସାର୍‌ଙ୍କୁ ଦେବାକୁ ପଡିବ କହି ସେମାନଙ୍କଠାରୁ ୩ ଶହ ଲେଖାଏ ଟଙ୍କା ଆଦାୟ କରିଥିଲେ ବୋଲି ଉଭୟେ ଅଭିଯୋଗ କରିଛନ୍ତି। ସେହିପରି ଅନ୍ୟଜଣେ ଅଭିଯୋଗକାରୀ ହେଲେ ପାଲ୍ଲିଗୁଡା ଗ୍ରାମର ରଘୁ ଗାଦବା । ତାଙ୍କ ସ୍ତ୍ରୀ ସ୍ୱର୍ଗତ ହିରାମଣି ଗାଦବାଙ୍କ ମୃତ୍ୟୁପ୍ରମାଣପତ୍ର

**ବୈପାରୀଗୁଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର**

ବାବଦକୁ ଆଶାକର୍ମୀ ୨ ଶହ ଟଙ୍କା ଦେଇଥିବା ସେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡାକ୍ତର ଅଧିରାଜ ସାହୁଙ୍କୁ ପଚାରିବାରୁ ସେ କହିଲେ, ଆଶାକର୍ମୀମାନଙ୍କୁ ଟଙ୍କା କାହିଁକି ଦେଉଛନ୍ତି ବୋଲି ସେ ପ୍ରଶ୍ନ କରିଥିଲେ। ସ୍ୱାସ୍ଥ୍ୟକେନ୍ଦ୍ରରେ ଏପରି ହେଉ ନ ଥିବା ଡାକ୍ତର ସାହୁ କହିଥିଲେ। ସୂଚନାଯୋଗ୍ୟ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଥିବା ଜନ୍ମମୃତ୍ୟୁଜନିତ ପ୍ରମାଣପତ୍ର ବିଭାଗରେ ବ୍ୟାପକ ଦୁର୍ନୀତି ହେଉଥିବା ପୂର୍ବରୁ ଅଭିଯୋଗ ହୋଇଆସୁଛି। ତେବେ ନିଜ ମୁଣ୍ଡରୁ ଦୋଷ ଛଡାଇବା ପାଇଁ ଆଶାକର୍ମୀମାନଙ୍କୁ ମାଧ୍ୟମ କରାଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି।

